# ଆଇଆଇଟି ଭୁବନେଶ୍ୱରର ୪ର୍ଥ ସମାବର୍ତ୍ତନ ଉତ୍ସବ ଆଜି

ଭୁବନେଶ୍ବର, ୧୧।୯(ଭୁ.ପ୍ର)- ଆଇଆଇଟି ଭୁବନେଶ୍ବରର ୪ର୍ଥ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହେଉଛି। ଜଟଣୀ ନିକଟସ୍ଥ ଅରୁଗୁଳଠାରେ ଆଇଆଇଟିର ନିଜସ୍ୱ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ସ୍ମୃତି

## ଯୋଗଦେବେ ସ୍ମୃତି ଇରାନି

ଇରାନି ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆଇଆଇଟି ଭୁବନେଶ୍ୱର ବୋର୍ଡ ଅଫ୍ ଗଭର୍ଣ୍ଣସର ଅଧ୍ୟକ୍ଷ ଏସ୍ କେ ରୁଙ୍ଗଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୨ଜଣଙ୍କୁ ଡକ୍ଟରେଟ, ୪୪ଜଣଙ୍କୁ ଏମ୍‌ଟେକ୍, ୫୦ଜଣଙ୍କୁ ଏମ୍‌ଏସ୍‌ସି ଏବଂ ୧୦୯ ଛାତ୍ରଛାତ୍ରୀଙ୍କୁ ବିଟେକ୍ ଡିଗ୍ରୀ ପ୍ରଦାନ କରାଯିବ।



ପ୍ରମୁଖ ଅଧିକାରୀଙ୍କ ସାମ୍ବାଦିକ ସମ୍ମିଳନୀ

ସେହିପରି ବିଟେକ୍ (ସମ୍ମାନ)ରେ ଶ୍ରେଷ୍ଠ ଛାତ୍ର ଭାବେ ମେକାନିକାଲ୍ ସାଇନ୍ସର ସୁଶାନ୍ତ ସଚନଙ୍କୁ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣ ପଦକ, ଏମ୍‌ଟେକ୍‌ରେ ଶ୍ରେଷ୍ଠ ଛାତ୍ର ଭାବେ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପାଠ୍ୟକ୍ରମର ପ୍ରତୀକ ନାୟକଙ୍କୁ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ, ସୌଭାଗ୍ୟ କରମାର୍, ଶ୍ରୀରାମ୍ ଭେଙ୍କଟେଶ ଏବଂ ସୁଶାନ୍ତ ସଚନଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯିବ । ବର୍ତ୍ତମାନ ଆଇଆଇଟି ଭୁବନେଶ୍ୱରରେ ବିଟେକ୍‌ରେ ୫୮୯, ଏମ୍‌ଟେକ୍‌ରେ ୭୧, ଏମ୍‌ଟେକ୍ ପିଏଚ୍‌ଡିରେ ୬୬, ଏମ୍‌ଏସ୍‌ସି ପିଏଚ୍‌ଡିରେ ୧୪୧ ଏବଂ ପିଏଚ୍‌ଡିରେ ୧୭୧ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଏଠାରେ ୭ଟି ବିଭାଗୀୟ ସ୍କୁଲ, ବିଟେକ୍‌ରେ ୫ଟି, ଏମ୍‌ଟେକ୍‌ରେ ୯ଟି ଏବଂ ଏମ୍‌ଏସ୍‌ସିରେ ୫ଟି ପାଠ୍ୟକ୍ରମରେ ଶିକ୍ଷାଦାନ ଲାଗି ୧୦୦ ଜଣ ଫାକଲ୍ଟି ସଦସ୍ୟ ନିୟୋଜିତ ଅଛନ୍ତି ।